# 5th Joint Meeting of the India-Japan Act East Forum

January 28, 2021

## ଭାରତ-ଜାପାନ ଆକ୍ଟ ଇଷ୍ଟ ଫୋରମର ପଞ୍ଚମ ମିଳିତ ବୈଠକ

**ଜାନୁଆରୀ 28, 2021**

1. ଭାରତ ଓ ଜାପାନ 28 ଜାନୁଆରୀ 2021 ରେ ନୂଆଦିଲ୍ଲୀଠାରେ ଭାରତ-ଜାପାନ ଆକ୍ଟ ଇଷ୍ଟ ଫୋରମ (ଏଇଏଫ) ର ପଞ୍ଚମ ମିଳିତ ବୈଠକ କରିଥିଲେ। ଏହି ବୈଠକରେ ବୈଦେଶିକ ସଚିବ ଶ୍ରୀ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା ଏବଂ ଭାରତରେ ଜାପାନର ରାଷ୍ଟ୍ରଦୂତ ମାନ୍ୟବର ଶ୍ରୀ ସୁଜୁକି ସତୋଶୀ ସହଅଧ୍ୟକ୍ଷତା କରିଥିଲେ।

2. ସଂଯୋଗୀକରଣ, ଜଳ ବିଦ୍ୟୁତ୍ ଶକ୍ତି, ସ୍ଥାୟୀ ବିକାଶ, ଜଳ ସମ୍ପଦର ବ୍ୟବହାର ଏବଂ ଦକ୍ଷତା ବିକାଶ ସହିତ ବିଭିନ୍ନ କ୍ଷେତ୍ରରେ ଭାରତର ଉତ୍ତର ପୂର୍ବ ଅଞ୍ଚଳରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ଏଇଏଫ ସମୀକ୍ଷା କରିଛି। ଭାରତ-ଜାପାନ ଦ୍ୱିପାକ୍ଷିକ ସହଯୋଗ ଅଧୀନରେ ଚାଲୁଥିବା ଅନେକ ନୂତନ ପ୍ରକଳ୍ପ ଉପରେ ସେମାନେ ଆଲୋଚନା କରିଥିଲେ ଏବଂ ସ୍ୱାସ୍ଥ୍ୟସେବା, କୃଷି ଉଦ୍ୟୋଗ ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ବାଉଁଶ ମୂଲ୍ୟ ଶୃଙ୍ଖଳା ବିକାଶ, ସ୍ମାର୍ଟ ସିଟି, ପର୍ଯ୍ୟଟନ ଏବଂ ଲୋକମାନଙ୍କ ମଧ୍ୟରେ ଆଦାନ ପ୍ରଦାନ ଭଳି ନୂତନ କ୍ଷେତ୍ରରେ ସହଯୋଗ ଉପରେ ମତ ବିନିମୟ କରିଥିଲେ।

3. ଉତ୍ତର ପୂର୍ବ ଅଞ୍ଚଳର ଆଧୁନିକୀକରଣ ପାଇଁ ଭାରତ-ଜାପାନ ଦ୍ୱିପାକ୍ଷିକ ସହଯୋଗକୁ ଶୃଙ୍ଖଳିତ କରିବାରେ 2017 ରେ ପ୍ରତିଷ୍ଠା ହେବା ପରଠାରୁ ଏଇଏଫର ଭୂମିକାକୁ ବୈଦେଶିକ ସଚିବ ଏବଂ ଜାପାନର ରାଷ୍ଟ୍ରଦୂତ ପ୍ରଶଂସା କରିଥିଲେ। ଭାରତର ପ୍ରାଚ୍ୟମୁଖୀ ନୀତି ବା "ଆକ୍ଟ ଇଷ୍ଟ ପଲିସି" ଏବଂ ଜାପାନର ଦୂରଦୃଷ୍ଟିର "ଏକ ଖୋଲା ଓ ମୁକ୍ତ ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ" ପାଇଁ ଉତ୍ତର ପୂର୍ବ ଅଞ୍ଚଳରେ ଭାରତ-ଜାପାନର ସହଯୋଗ ପାଇଁ ଏଇଏଫ ଏକ ମଞ୍ଚ ପ୍ରଦାନ କରେ।

**ନୂଆଦିଲ୍ଲୀ**

**ଜାନୁଆରୀ 28, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.